## ସଂକ୍ଷେପରେ

### ଷ୍ଟୁଡିଓ ମାଲିକ ସଚ୍ଚିଦାନନ୍ଦ ମୃତ୍ୟୁ ମାମଲା: ମିଳିଥିବା ସୁଇସାଇଡ୍ ନୋଟ୍ ଯାଞ୍ଚ କରାଯିବ

**ଢେଙ୍କାନାଳ ଅଫିସ, ୨।୩:** ଢେଙ୍କାନାଳ ପୌରାଞ୍ଚଳ ୭ନଂ. ୱାର୍ଡରେ ରହୁଥିବା 'ଫଟୋଲାଇନ୍ ଷ୍ଟୁଡିଓ' ମାଲିକ ତଥା ବରିଷ୍ଠ ଫଟୋଗ୍ରାଫର ସଚ୍ଚିଦାନନ୍ଦ ନାୟକ ଓରଫ୍ ବାବୁଲି (୫୦)ଙ୍କ ମୃତ୍ୟୁ ମାମଲାରେ ପୋଲିସ ହାତରେ ଲାଗିଛି ଏକ ସୁଇସାଇଡ୍ ନୋଟ୍। ଉକ୍ତ ନୋଟ୍ ପରିବାର ସଦସ୍ୟ ପାଇବା ପରେ ପୋଲିସକୁ ହସ୍ତାନ୍ତର କରିଛନ୍ତି। ତେବେ ଉକ୍ତ ହାତଲେଖାଟି ସଚ୍ଚିଦାନନ୍ଦଙ୍କର କି ନୁହେଁ ଏବଂ ଏହା ମୃତ୍ୟୁ ପୂର୍ବରୁ ନା ମୃତ୍ୟୁ ପରେ ଲେଖାଯାଇଛି, ତାହା ଜାଣିବା ଲାଗି ଏହାକୁ ରାଜ୍ୟ ହ୍ୟାଣ୍ଡ୍ ରାଇଟିଂ ବ୍ୟୁରୋକୁ ପଠାଯିବ। ସୁଇସାଇଡ୍ ନୋଟ୍‌ରେ ସଚ୍ଚିଦାନନ୍ଦଙ୍କୁ ଋଣ ଦେଇଥିବା ବ୍ୟବସାୟୀ ଧମକଚମକ ଦେଇଥିବା କଥା ମଧ୍ୟ ଲେଖାଯାଇଛି। ଏ ସଂକ୍ରାନ୍ତରେ ସଦର ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ କୁହନ୍ତି, ଗୁରୁବାର ପରିବାର ଲୋକଙ୍କଠାରୁ ଉକ୍ତ ସୁଇସାଇଡ୍ ନୋଟ୍ ମିଳିଛି। ଏହାକୁ ଯାଞ୍ଚ ପାଇଁ ଭୁବନେଶ୍ୱର ପଠାଯିବ। ରିପୋର୍ଟ ଆସିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

### ଗେଙ୍ଗୁଟିଆ ସରପଞ୍ଚ ଅଯୋଗ୍ୟ ଘୋଷିତ
#### ଓଡ଼ିଆ ପଢ଼ିଲେଖି ଜାଣି ନ ଥିଲେ

**ଢେଙ୍କାନାଳ ଅଫିସ, ୨।୩:** ଓଡ଼ିଆ ଭାଷାରେ ପଢ଼ିଲେଖି ନ ଜାଣିବା ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତର ସରପଞ୍ଚ କୈଳାସ ଚନ୍ଦ୍ର ଦେହୁରୀଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଏକ ନିର୍ବାଚନ ମିସ୍ କେସର ଶୁଣାଣି କରି ଢେଙ୍କାନାଳ ଜୁନିୟର ଡିଭିଜନ ସିଭିଲ ଜଜ୍ ତାଙ୍କ ପଦବୀକୁ ଗୁରୁବାର ଅଯୋଗ୍ୟ ଘୋଷଣା କରିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ବିଜୟ ପରେ ସରପଞ୍ଚ କୈଳାସଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ପ୍ରଶ୍ନ ଉଠାଇଥିଲେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପୁରୁଷୋତ୍ତମ ଦେହୁରୀ। ସେ ମାତୃଭାଷା ଓଡ଼ିଆରେ ଲେଖିପଢ଼ି ଜାଣି ନ ଥିବା ନେଇ ନଂ. ୨/୨୨ରେ ଢେଙ୍କାନାଳ ଜୁନିୟର ଡିଭିଜନ ସିଭିଲ ଜଜ୍‌ଙ୍କ ଅଦାଲତରେ ମାମଲା ଦାଏର କରିଥିଲେ। ଏହାର ଶୁଣାଣି କରି କୋର୍ଟ କୈଳାସଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ମାମଲାକୁ ଆଇନଜୀବୀ ବସନ୍ତ କୁମାର ରଥ ପରିଚାଳନା କରିଥିଲେ।

### ୱାର୍ଡସଭ୍ୟଙ୍କୁ ପ୍ରଶିକ୍ଷଣ

**ଢେଙ୍କାନାଳ ଅଫିସ,୨।୩:** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଲିଗୋରଡ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ୱାର୍ଡମେମ୍ବରଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ୱାର୍ଡ' ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ୱାର୍ଡସଭ୍ୟମାନେ ନିଜର କର୍ତ୍ତବ୍ୟ, ଦାୟିତ୍ୱ ବିଷୟରେ ଭଲଭାବେ ଅବଗତ ହୋଇ ପଞ୍ଚାୟତ ବିକାଶରେ ସାମିଲ ହେବାକୁ ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଶିବିରରେ ବଡସୁଆଁଳ, ଜଗନ୍ନାଥପୁର, ବାଲିଗୋରଡ ପଞ୍ଚାୟତର ୱାର୍ଡସଭ୍ୟମାନେ ଯୋଗଦେଇଥିଲେ। ସୌଭାଗ୍ୟ ମିଶ୍ର ଓ ଅରୁଣ ମିଶ୍ର ପ୍ରଶିକ୍ଷଣ ଦେଇଥିବାବେଳେ ଆକାଶ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକର ସମସ୍ତ ୨୨ ପଞ୍ଚାୟତର ୱାର୍ଡସଭ୍ୟଙ୍କୁ ତାଲିମ ଦିଆଯିବ ବୋଲି ଅନୁଷ୍ଠାନର ସମ୍ପାଦିକା ପ୍ରମିଳା ପଣ୍ଡା କହିଛନ୍ତି।

### ସାମାଜିକ କର୍ମୀ ମନସୁର ଖାଁଙ୍କ ପରଲୋକ

**ଢେଙ୍କାନାଳ ଅଫିସ,୨।୩:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ା ଗ୍ରାମର ସାମାଜିକ କର୍ମୀ ମନସୁର ଖାଁଙ୍କ ମଙ୍ଗଳବାର ଅପରାହ୍ନ ୫ଟାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୮୦ବର୍ଷ ବୟସ ହୋଇଥିଲା। ସୂଚନାପାଇ ଗୁଣ୍ଡିଚାପଡ଼ା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଶିକ୍ଷାବିତ୍ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ମନସୁର ୧୧ବର୍ଷ ଧରି ଗୁଣ୍ଡିଚାପଡ଼ା ଉଚ୍ଚ ବିଦ୍ୟାଳୟର ଶିକ୍ଷା ସମ୍ପାଦକ ରହିଥିଲେ। ଏଥିସହ ଅନ୍ତଃରାଷ୍ଟ୍ରୀୟ ଅହମ୍ମଦିଆ ମୁସ୍‌ଲିମ୍ ସମ୍ପ୍ରଦାୟ ଗୁଣ୍ଡିଚାପଡ଼ାର କୋଷାଧ୍ୟକ୍ଷ, ସମ୍ପାଦକ ଭଳି ପଦବୀରେ ରହି ଆସିଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସୁରକ୍ଷା ମିଳିଲେ ସମୃଦ୍ଧ ହେବେ



## ଆଜି ବିଶ୍ୱ ବନ୍ୟପ୍ରାଣୀ ଦିବସ

- ଢେଙ୍କାନାଳରେ ସଂଖ୍ୟା ବଢୁଛି
- ବନ ବିଭାଗ ଫୋକସ୍‌ରେ ସଂରକ୍ଷିତ ଜଙ୍ଗଲ

**ଘଞ୍ଚ ସବୁଜିମା ପରିବେଶ। ସଂରକ୍ଷିତ ଜଙ୍ଗଲରେ ପର୍ଯ୍ୟାପ୍ତ ଖାଦ୍ୟ ଓ ପାନୀୟ। ତୃଣଭୋଜୀଙ୍କ ପାଇଁ ଆବଶ୍ୟକ ଚାରଣଭୂମି। ଏସବୁ ଢେଙ୍କାନାଳର ବନ୍ୟଜୀବନ ପାଇଁ ପାଲଟିଛି ଆଶୀର୍ବାଦ। ଜିଲାର ଅନୁକୂଳ ଜଳବାୟୁ ହାତୀ, ବାର୍‌ହା, ହରିଣ, କଲରାପତରିଆ ଭଳି ପ୍ରାଣୀ ବଂଶ ବୃଦ୍ଧିରେ ବିଶେଷ ସହାୟକ ହୋଇପାରିଛି। ହେଲେ ମାଂସଲୋଭୀ ଶିକାରୀଙ୍କ ଫାଶ ଏବେ ସେମାନଙ୍କ ପାଇଁ ସାଜୁଛି କାଳ। ସଂରକ୍ଷିତ ଜଙ୍ଗଲଗୁଡ଼ିକରେ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଗଲେ ରାଜ୍ୟ ବନ୍ୟପ୍ରାଣୀ ମାନଚିତ୍ରରେ ଢେଙ୍କାନାଳ ସ୍ୱତନ୍ତ୍ରତା ହାସଲ କରିପାରିବ ବୋଲି ପରିବେଶବିତ୍ ମତବ୍ୟକ୍ତ କରିଛନ୍ତି ।**

(ରତନ ନାୟାର)
ଢେଙ୍କାନାଳ ଅଫିସ, ୨।୩

ଜୈବ ବିବିଧତାରେ ଭରପୂର ଢେଙ୍କାନାଳ ବନଖଣ୍ଡକୁ ସମୃଦ୍ଧ କରିଛନ୍ତି ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀ। ହାତୀ, ହରିଣ, ଶମ୍ବର, ବାର୍‌ହା, କୁଟୁରା, ଗୟଳ, କଲରାପତରିଆ, ଅହିରାଜ, ଅଜଗର ସମେତ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ପାଇଁ ଜିଲାର ପ୍ରାକୃତିକ ପରିବେଶ ବରଦାନ ସାବ୍ୟସ୍ତ ହୋଇଛି। ତେବେ ଜଙ୍ଗଲ ଇଲାକାରେ ଶିକାରୀଙ୍କ ଦୌରାତ୍ମ୍ୟ ଏବେ ବନ୍ୟପ୍ରାଣୀଙ୍କ ଜୀବନକୁ ବିପଦକୁ ଠେଲିଦେଉଛି। ବାର୍‌ହା ଶିକାର ଉଦ୍ଦେଶ୍ୟରେ ବିଛାଯାଉଥିବା ଫାଶରେ ପଡ଼ି ଐତିହ୍ୟପ୍ରାଣୀ ହାତୀ ଏବଂ କଲରାପତରିଆଙ୍କ ଜୀବନ ଯିବା ବନ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି।

ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ହିନ୍ଦୋଳ ରେଞ୍ଜ୍‌ର କନ୍ଧରା, ହିଣ୍ଡିଶା, ମାଟିଆମୁଣ୍ଡିଆ, ନନ୍ଦିନିଆ, କୋଇ, କପିଳାସ ରେଞ୍ଜ୍‌ର କପିଳାସ ଅଭୟାରଣ୍ୟ ଏବଂ କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ୍‌ର ରଞ୍ଜାଗଡ଼ ସଂରକ୍ଷିତ ଜଙ୍ଗଲରେ ସର୍ବାଧିକ ବନ୍ୟପ୍ରାଣୀ ବିଚରଣ କରୁଛନ୍ତି। ମାର୍ଚ୍ଚ ୨ ତାରିଖ ସୁଦ୍ଧା ଜିଲାରେ ୩୨୦ ହାତୀ ଥିବା ବେଳେ ସେଥିରୁ କେବଳ ୨୦୦ଟି ହିନ୍ଦୋଳ ରେଞ୍ଜ୍‌ରେ ଅଛନ୍ତି। ନନ୍ଦିନିଆ, କନ୍ଧରା ସଂରକ୍ଷିତ ଜଙ୍ଗଲରେ ସର୍ବାଧିକ ହାତୀ ରହିଛନ୍ତି। କଲରାପତରିଆ ବାଘ ବଂଶ ବଢୁଥିବାରୁ କନ୍ଧରା, କୋଇ, ନନ୍ଦିନିଆ ସଂରକ୍ଷିତ ଜଙ୍ଗଲକୁ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ କରିଡରରେ ସାମିଲ କରାଯାଇଛି। ରଞ୍ଜାଗଡ଼ ସଂରକ୍ଷିତ ଜଙ୍ଗଲରେ କଲରାପତରିଆ ଠାବ ପରେ ନୂତନ ଆଶା ସଞ୍ଚାର ହୋଇଛି। ଜିଲାରେ ଏବେସୁଦ୍ଧା ୮ଟି କଲରାପତରିଆ ଟ୍ରାପ୍ କ୍ୟାମେରାରେ ଧରାପଡ଼ିଛନ୍ତି। ତେବେ ଏମାନଙ୍କ ପ୍ରକୃତ ସଂଖ୍ୟା ଆହୁରି ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଅନୁରୂପ ଭାବେ କପିଳାସ ଅଭୟାରଣ୍ୟରେ ବିଭିନ୍ନ ପ୍ରଜାତିର ହରିଣ ବଂଶ ବଢ଼ିବାରେ ଲାଗିଛି। ସେମାନଙ୍କ ଖାଦ୍ୟ ଅଭାବ ପୂରଣ କରିବା ଲାଗି ବହୁ ସ୍ଥାନରେ ଘାସ ଲଗାଯାଇଛି। ଖାଦ୍ୟଶୃଙ୍ଖଳରେ ତୃଣଭୋଜୀ ପ୍ରାଣୀଙ୍କ ସଂଖ୍ୟା ବୃଦ୍ଧି ବାଘ ଭଳି ମାଂସାଶୀ ପ୍ରାଣୀଙ୍କ ସଂଖ୍ୟା ବଢ଼ାଇବାରେ ସହାୟକ ହୋଇଥାଏ। ତେଣୁ ବନ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି। ଏଥିସହ ସଂରକ୍ଷିତ ଜଙ୍ଗଲରେ କୃତ୍ରିମ ଜଳାଶୟ ଖନନ କରାଯିବା ସହ ନାଳଗୁଡ଼ିକରେ ଜଳ ସଂରକ୍ଷଣ ବ୍ୟବସ୍ଥା କରାଯାଉଛି। ବିଭିନ୍ନ ସ୍ଥାନରୁ ଶିକାରୀଙ୍କ ଉପରେ ନଜର ରଖିବାକୁ ୱାଚ୍‌ଟାୱାର ନିର୍ମାଣ ହୋଇଛି। ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖିବାକୁ କପିଳାସ ଅଭୟାରଣ୍ୟରେ ୬୦ଟି କ୍ୟାମେରା ଲଗାଯାଇଥିବାବେଳେ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଅନୁରୂପ ବ୍ୟବସ୍ଥା କରାଯାଇଛି। ସବୁ ସଂରକ୍ଷିତ ଜଙ୍ଗଲରେ ଏଲିଫ୍ୟାଣ୍ଟ ସ୍କ୍ୱାଡ୍, ବନ କର୍ମଚାରୀଙ୍କୁ ସୁରକ୍ଷା ଉପକରଣ ଦିଆଯାଇ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି।

### ଫାଶରେ ଫସୁଛନ୍ତି

ଢେଙ୍କାନାଳ ଜିଲାରେ ଶିକାରୀଙ୍କ ଫାଶ ବନ୍ୟଜନ୍ତୁଙ୍କୁ ବିପଦମୁହଁକୁ ଠେଲିଦେଉଛି। ଗତଦିନରେ ରଞ୍ଜାଗଡ଼ ଏବଂ କୋଇ ସଂରକ୍ଷିତ ଜଙ୍ଗଲରେ ୪ କଲରାପତରିଆଙ୍କ ମୃତ୍ୟୁ ପଛରେ ଶିକାରୀଙ୍କ ଚକ୍ରାନ୍ତ ରହିଥିବା ଜଣାପଡ଼ିଛି। ଦୁଇବର୍ଷ ତଳେ ରଞ୍ଜାଗଡ ସଂରକ୍ଷିତ ଜଙ୍ଗଲରୁ ଶିକାରୀମାନେ ଦୁଇଟି ବାଘ ଶିକାର କରିଥିଲେ। ଏହାର ଛାଲ ଚୋରା ଚାଲାଣ କରୁଥିବାବେଳେ ବନ ବିଭାଗ ଧରିଥିଲା। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଶିକ୍ଷକ ରହିଥିବାବେଳେ ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା।

ଏବେ ହିନ୍ଦୋଳ ରେଞ୍ଜ୍‌ରେ ବାର୍‌ହା ଶିକାର ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି। ବାର୍‌ହା ମାଂସକୁ ଶିକାରୀମାନେ ଲାଭଜନକ ବ୍ୟବସାୟରେ ପରିଣତ କରିଦେଲେଣି। ହେଲେ ସେମାନଙ୍କ ଦ୍ୱାରା ବିଛାଯାଉଥିବା ଫାଶ ଏବେ କଲରାପତରିଆ ଏବଂ ହାତୀ ମୃତ୍ୟୁର କାରଣ ପାଲଟିଛି। ପୂର୍ବରୁ କପିଳାସ ଅଭୟାରଣ୍ୟରେ ଶିକାରୀଙ୍କ ଉପଦ୍ରବ ବଢ଼ିଥିଲା। ତେବେ ବନ ବିଭାଗର କାର୍ଯ୍ୟାନୁଷ୍ଠାନ, ପାଟ୍ରୋଲିଂ କାରଣରୁ ଏହା ଏବେ ସାମାନ୍ୟ ନିୟନ୍ତ୍ରଣକୁ ଆସିଛି। ୨୦୨୨–୨୩ ବର୍ଷରେ ଅଦ୍ୟାବଧି ୫୦ ଶିକାରଙ୍କୁ ଗିରଫ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ବାଘଙ୍କ ପାଇଁ ସ୍ୱତନ୍ତ୍ର ସର୍ଭେଲାନ୍ସ ବ୍ୟବସ୍ଥା ହେଉ



ବାଘଛାଲର ମୂଲ୍ୟ ବିଦେଶ ବଜାରରେ କାହିଁରେ କେତେ। ଏହି କାରଣରୁ କଲରାପତରିଆଙ୍କ ଶିକାର ବଢୁଛି। ଢେଙ୍କାନାଳ ଜିଲାର କନ୍ଧରା, ଅନନ୍ତପୁର, ରଞ୍ଜାଗଡ଼, କପିଳାସ ଅଭୟାରଣ୍ୟରେ କଲରାପତରିଆଙ୍କ ସୁରକ୍ଷା ଲାଗି ସ୍ୱତନ୍ତ୍ର ସର୍ଭେଲାନ୍ସ ବ୍ୟବସ୍ଥା କରାଯିବା ଜରୁରୀ। ସେହିପରି ଜାତୀୟ ରାଜପଥ ଏବଂ ରେଳଧାରଣା ନିକଟବର୍ତ୍ତୀ ପ୍ରକୃତ ହାତୀ ଚଲାପଥ ଚିହ୍ନଟ କରି ତୁରନ୍ତ ଅଣ୍ଡରପାସ୍ ନିର୍ମାଣ ହେବା ଦରକାର ।

-ପ୍ରଦ୍ୟୁମ୍ନ ରଥ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ

### କଲରାପତରିଆ ବଂଶବୃଦ୍ଧିକୁ ଗୁରୁତ୍ୱ ଦେବା ଉଚିତ



ସାତକୋଶିଆ ସୀମାନ୍ତ ହିନ୍ଦୋଳ ରେଞ୍ଜ୍‌ର କୋଇ, ନନ୍ଦିନିଆ ଦେଇ କନ୍ଧରା ପର୍ଯ୍ୟନ୍ତ ବାଘମାନେ ନିର୍ଭୟରେ ଘୂରି ବୁଲୁଛନ୍ତି। ହିନ୍ଦୋଳ ଏନ୍‌ଏସିଠାରୁ ମାତ୍ର ୪ କିଲୋମିଟର ଦୂରରେ ନନ୍ଦିନିଆ ସଂରକ୍ଷିତ ଜଙ୍ଗଲ ଥିବାରୁ ବନ୍ୟପ୍ରାଣୀ–ମଣିଷ ସଂଘର୍ଷ ଆଶଙ୍କା ଲାଗି ରହୁଛି। ତେଣୁ ଏହିସବୁ ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ଜରୁରୀ ହୋଇପଡ଼ିଛି। ଏଥିସହ କଲରାପତରିଆ ବଂଶବୃଦ୍ଧିକୁ ଗୁରୁତ୍ୱ ଦେବା ଉଚିତ।

-ସୁବାସ ଚନ୍ଦ୍ର ପାଳ, ବୁଦ୍ଧିଜୀବୀ, ହିନ୍ଦୋଳ

### ଶିକାରୀ ଉପଦ୍ରବ ରୋକିବା ପାଇଁ ପ୍ରୟାସ ଜାରି ରହିଛି



ଜଙ୍ଗଲ ସମ୍ପଦରେ ସମୃଦ୍ଧ ଢେଙ୍କାନାଳ ଜିଲାରେ ବନ୍ୟପ୍ରାଣୀଙ୍କ ସଂଖ୍ୟା ବଢୁଛି। କଲରାପତରିଆ ବଂଶ ବଢୁଥିବାରୁ କୋଇ, କନ୍ଧରା, ନନ୍ଦିନିଆ ସଂରକ୍ଷିତ ଜଙ୍ଗଲ ବ୍ୟାଘ୍ର କରିଡରରେ ସାମିଲ ହୋଇଛି। ସେମାନଙ୍କ ସୁରକ୍ଷା ଏବଂ ଶିକାରୀଙ୍କ ଉପଦ୍ରବ ରୋକିବା ପାଇଁ ପ୍ରୟାସ ଜାରି ରହିଛି। ବିଭିନ୍ନ ଜଙ୍ଗଲରେ ପାଣିର ମଧ୍ୟ ବ୍ୟବସ୍ଥା କରାଯାଇଛି। ନିଆଁଦାଉରୁ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି।

-ଡ. ପ୍ରକାଶ ଚାନ୍ଦ ଗୋଗିନେନି, ଡିଏଫ୍‌ଓ



# ଗୋଷ୍ଠୀ ସହାୟକଙ୍କୁ ମିଳିଲା ସାଇକେଲ



ଢେଙ୍କାନାଳସ୍ଥିତ ପୁରୁଣା ଜିଲା ପରିଷଦ ସଭାଗୃହରେ ଆୟୋଜିତ ସାଇକେଲ ବଣ୍ଟନ କାର୍ଯ୍ୟକ୍ରମରେ ଅତିଥିମାନେ।

ଢେଙ୍କାନାଳ ଅଫିସ/କାମାକ୍ଷାନଗର /ଭୁବନ(ଡି.ଏନ୍.ଏ.), ୨।୩

ରାଜ୍ୟର ସହରାଞ୍ଚଳ ସ୍ୱୟଂ ସହାୟକ ଗୋଷ୍ଠୀ ସହଭାଗୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସାଇକେଲ ଯୋଗାଇ ଦିଆଯାଇଛି। ଏହି କ୍ରମରେ ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ପୁରୁଣା ଜିଲା ପରିଷଦ ସଭାଗୃହରେ ୭୯ଜଣ ଜଳ ସାଥୀ, ସ୍ୱଚ୍ଛ ସାଥୀ, ଆହାର କର୍ମୀ ଏବଂ ସୁପରଭାଇଜରଙ୍କୁ ସାଇକେଲ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ କହିଲେ, ସାଇକେଲ ସମୟ ଅପଚୟ ରୋକିବାରେ ସହାୟକ ହେବ। ଏହାକୁ ବ୍ୟବହାର କଲେ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇବ। ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର ରାଜ୍ୟ ସରକାରଙ୍କ ଏଭଳି ଅଭିନବ ପଦକ୍ଷେପକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ପୌରଯନ୍ତ୍ରୀ ରଶ୍ମିତା ମିଶ୍ର, ଗୋଷ୍ଠୀ ସହାୟକାଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

ସେହିପରି କାମାକ୍ଷାନଗର ଏନ୍‌ଏସିରେ ୩୧ଜଣଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନଗରପାଳ ଧର୍ମାନନ୍ଦ ପରିଡ଼ା ଯୋଗଦେଇଥିଲେ। ଉପନଗରପାଳ ଶକୁନ୍ତଳା ସେଠୀ, ନିର୍ବାହୀ ଅଧିକାରୀ ଯତୀନ୍ଦ୍ର ମିଶ୍ରଙ୍କ ସମେତ ସମସ୍ତ କାଉନ୍‌ସିଲର, ଏନ୍‌ଏସି ଅଫିସରେ କାର୍ଯ୍ୟରତ କର୍ମଚାରୀ ଉପସ୍ଥିତ ଥିଲେ। ଭୁବନ ଏନ୍‌ଏସି ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ନଗରପାଳ ଶୁଭେନ୍ଦୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୩୫ଜଣ ଗୋଷ୍ଠୀ ସହାୟକଙ୍କୁ ସାଇକେଲ ପ୍ରଦାନ କରିଥିଲେ। ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ, କାଉନ୍‌ସିଲର ନରେନ୍ଦ୍ର ବେହେରା, ଗୋଷ୍ଠୀ ସଙ୍ଗଠିକା ଦୀପାଳି ସାମନ୍ତ ଓ ସିଟି ମ୍ୟାନେଜର ଜାମିନୀକାନ୍ତ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# କାମାକ୍ଷାନଗରରେ ଜିଲାର ପ୍ରଥମ ମାଣ୍ଡିଆ ମଣ୍ଡି

ଢେଙ୍କାନାଳ ଅଫିସ/କାମାକ୍ଷାନଗର (ଡି.ଏନ୍.ଏ.)୨।୩

### ଅର୍ଥନୀତିକୁ ସୁଦୃଢ଼ କରିବ ମାଣ୍ଡିଆ:ମନ୍ତ୍ରୀ

ଢେଙ୍କାନାଳ ଜିଲା କାମାକ୍ଷାନଗର ପ୍ରାଥମିକ କୃଷି ସେବା ସମବାୟ ସମିତି ପରିସରରେ ଜିଲାର ପ୍ରଥମ ମାଣ୍ଡିଆ ମଣ୍ଡି ଗୁରୁବାରଠାରୁ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏହାକୁ ଉଦ୍‌ଘାଟନ କରି କହିଲେ, ଓଡ଼ିଶାର ମିଲେଟ୍ ମିଶନକୁ ଦେଶବିଦେଶରେ ପ୍ରଶଂସା କରାଯାଉଛି। ଲାଭଜନକ ଫସଲ ମାଣ୍ଡିଆ ଚାଷ କୃଷି ଅର୍ଥନୀତିକୁ ସୁଦୃଢ଼ କରିବ। କୃଷି ବିଭାଗ ଅଧିକାରୀମାନେ ଚାଷୀଙ୍କୁ ସଚେତନ କରାଇ ପାଇଲଟ୍ ପ୍ରୋଜେକ୍ଟ ଭାବେ ମାଣ୍ଡିଆ ଚାଷ କରିବା ନିମନ୍ତେ ଉତ୍ସାହିତ କରିବା ଉଚିତ। ରେଙ୍ଗାଳି ଜଳସମ୍ପଦ ବିଭାଗ, ଚାଷୀ ଓ ଜନସାଧାରଣଙ୍କ ସହଯୋଗ ରହିଲେ କାମାକ୍ଷାନଗର ଉପଖଣ୍ଡରେ ଭଲ ମାଣ୍ଡିଆ ଚାଷ ହୋଇପାରିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଜିଲାର ୮ ବ୍ଲକ ମଧ୍ୟରୁ ୫ଟିରେ ମାଣ୍ଡିଆ ଚାଷ କରାଯାଉଛି। ଭାରତର ପରାମର୍ଶ କ୍ରମେ ୨୦୨୩ ଅନ୍ତର୍ଜାତୀୟ ମିଲେଟ୍ ମିଶନ ଆରମ୍ଭ ହୋଇଛି। ମାଣ୍ଡିଆରେ ଥିବା ରୋଗ ପ୍ରତିରୋଧକ ଶକ୍ତି ସୁସ୍ଥ ରଖିବାରେ ସହାୟକ ହେବ।

ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ ଚନ୍ଦ୍ର ତୋଷ, ବିଡିଓ ବିକାଶ ମହାନ୍ତି, ନଗରପାଳ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଡିଆର୍‌ସିଏସ୍ ସରୋଜିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡିରେ ୫୦୦ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜିଲାର ୫ ବ୍ଲକରେ କୃଷି, କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ମିଲେଟ୍ ମିଶନ କାର୍ଯ୍ୟ ଆରମ୍ଭ ହୋଇଛି। ଏଣିକି ଧାନ ଭଳି ମାଣ୍ଡିଆକୁ ମଧ୍ୟ ଖରିଫ ଓ ରବି ଋତୁରେ ଅମଳ କରି ଚାଷୀମାନେ ମଣ୍ଡିରେ ବିକ୍ରି କରିପାରିବେ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ମାଣ୍ଡିଆରୁ ପ୍ରସ୍ତୁତ ଜୁସ୍, କାକରା, ପକୋଡ଼ି, ଇଡ୍‌ଲି ସମେତ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା।



ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ ଅବସରରେ ମନ୍ତ୍ରୀଙ୍କ ସମେତ ମଞ୍ଚାସୀନ ଅତିଥିବୃନ୍ଦ।

# ଦଲିଲ ଲେଖକଙ୍କୁ ବାନ୍ଧିଲା ପୋଲିସ





ଗିରଫ ଦଲିଲ ଲେଖକ ଶାନ୍ତନୁ ସାହୁ (ବାମ)। ଜବତ ଦସ୍ତାବିଜ।

- ଜମି ହଡ଼ପ ମାମଲାରେ କାର୍ଯ୍ୟାନୁଷ୍ଠାନ
- ଜାଲ୍ କାଗଜପତ୍ର, ଦସ୍ତାବିଜ୍, କମ୍ପ୍ୟୁଟର ଜବତ
- ପୂର୍ବରୁ ୨ ମାମଲାରେ ଜଡ଼ିତ ଥିଲେ, ୩ ଫେରାର
- ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୋଲିସ

ଢେଙ୍କାନାଳ ଅଫିସ, ୨।୩

ଢେଙ୍କାନାଳ ସଦର ଥାନା ପଦ୍ମନାଭପୁର ମୌଜାରେ ୯୫ ଡେସିମିଲ ଜମି ହଡପ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଜିଲା ରେଜିଷ୍ଟ୍ରାର କାର୍ଯ୍ୟାଳୟର ଦଲିଲ ଲେଖକ ଶାନ୍ତନୁ କୁମାର ସାହୁ (୩୪)ଙ୍କୁ ପୋଲିସ ବୁଧବାର ରାତିରେ ଗିରଫ କରିଛି। ସହରସ୍ଥିତ ଭାଗୀରଥି ବିହାର ସି–ବ୍ଲକସ୍ଥିତ ତାଙ୍କ ଘରେ ଥିବା ବେଳେ ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ବହୁ ଜାଲ୍ ଦସ୍ତାବିଜ୍, କାଗଜପତ୍ର, କମ୍ପ୍ୟୁଟର, ଲାପ୍‌ଟପ୍ ଜବତ କରାଯାଇଛି। ଶାନ୍ତନୁଙ୍କୁ ଗୁରୁବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ଅଧିକ ତଦନ୍ତ ପାଇଁ ତାଙ୍କୁ ୩ଦିନ ପାଇଁ ଟାଉନ ଥାନା ପୋଲିସ ରିମାଣ୍ଡରେ ଆଣିବା ଲାଗି ଆବେଦନ କରିଛି। ଏଥିପୂର୍ବରୁ ଶାନ୍ତନୁଙ୍କ ନାମରେ ଟାଉନ୍ ଥାନାରେ ଦୁଇଟି ମାମଲା (ନଂ. ୧୦୦/୨୩ ଓ ୧୩୪/୨୩) ରୁଜୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ୩ଜଣ ଫେରାର ଅଛନ୍ତି।

ଅନୁଗୋଳ ଜିଲା ତାଳଚେର କଲିୟାରି ଥାନା କଳମଛୁଇଁ ଗ୍ରାମ ନିବାସୀ ତଥା ନାଲ୍‌କୋର ଅବସରପ୍ରାପ୍ତ କର୍ମଚାରୀ ପ୍ରତାପ ଚନ୍ଦ୍ର ମହାପାତ୍ର (୬୫) ପଦ୍ମନାଭପୁର ମୌଜାରେ ୯୫ ଡେସିମିଲ ବିଶିଷ୍ଟ ଏକ ତଲା କିସମ ଜମି କିଣିଥିଲେ। ତେବେ ଏହାକୁ ଚଞ୍ଚକତା କରି ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କ ବଦଳରେ ପ୍ରତାପ କୁମାର ମହାପାତ୍ର ଉଲ୍ଲେଖ କରାଯାଇଥିଲା। ପରେ ନକଲି ମାଲିକଙ୍କୁ ଛିଡ଼ା କରାଇ ଜମିକୁ ହଡ଼ପ କରି ଅନ୍ୟ ଜଣଙ୍କୁ ୯ ଲକ୍ଷ ଟଙ୍କାରେ ବିକ୍ରି କରି ଦିଆଯାଇଥିଲା। ଅନ୍‌ଲାଇନ୍‌ରେ ପଞ୍ଜା ସମ୍ପର୍କରେ ସୂଚନା ନ ମିଳିବାରୁ ଜମିର ଅସଲି ମାଲିକ ପ୍ରତାପ ଚନ୍ଦ୍ର ମହାପାତ୍ର ଢେଙ୍କାନାଳ ତହସିଲ ଏବଂ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଖୋଳତାଡ଼ କରିବା ପରେ ଘଟଣା ପଦାକୁ ଆସିଥିଲା। ଏ ନେଇ ଟାଉନ ଥାନାରେ ନଂ. ୧୩୦/୨୩, ଦଫା ୪୧୭, ୪୧୯, ୪୨୦, ୪୬୭, ୪୬୮, ୪୭୧, ୧୨୦ (ବି) ଓ ୩୪ରେ ଏକ ମାମଲା ରୁଜୁ କରାଯାଇଥିଲା। ସେହିପରି ସବ୍ ରେଜିଷ୍ଟ୍ରାରଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ଅନ୍ୟ ଏକ ଅଭିଯୋଗ କରାଯାଇଛି।



## ଅବକାରୀ ଚଢ଼ାଉ, ୪ ଗିରଫ

ବଇଣ୍ଡା,୨।୩(ଡି.ଏନ.ଏ.): ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଠାକୁରଗଡ଼ ଓ ଆଠମଲ୍ଲିକ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଠାକୁରଗଡ଼ ଥାନା ବିଡିସିଙ୍ଗବସୁ ଗ୍ରାମର ନାରାୟଣ କଠାର, ସାନଦାଦର ଗ୍ରାମର ମାୟାଧର ପେଣ୍ଡେଇ, ଆଠମଲ୍ଲିକ ଥାନା ରାଜିଙ୍ଗ ଗ୍ରାମର ଦୁର୍ଯ୍ୟୋଧନ ସେଠୀ ଏବଂ ବ୍ରହ୍ମା ମିର୍ଦ୍ଧାଙ୍କୁ ଗିରଫ କରାଯାଇଛି। ଆଠମଲ୍ଲିକ ଅବକାରୀ ବିଭାଗ ଉପନିରୀକ୍ଷକ ଧରଣୀଧର ପ୍ରହରାଜଙ୍କ ସମେତ ଟିମ୍ ଚଢ଼ାଉ କରିଥିଲେ।

## ସଂକ୍ଷେପରେ

### ଗ୍ୟାସ୍ ଦର ବୃଦ୍ଧିକୁ ବିରୋଧ

ଅନୁଗୋଳ ଅଫିସ/ ବଇଣ୍ଡା/ କଣିହାଁ, ୨।୩

କେନ୍ଦ୍ର ସରକାରଙ୍କ ଗ୍ୟାସ୍ ଦର ବୃଦ୍ଧିକୁ ବିରୋଧ କରିଛି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)। ଦଳ ପକ୍ଷରୁ ଗୁରୁବାର ଅନୁଗୋଳ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଶୋଭାଯାତ୍ରା ସହ ପ୍ରତିବାଦ ସଭା କରାଯାଇଥିଲା। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଜିଲା କମିଟି ସଭ୍ୟ ବ୍ରଜବନ୍ଧୁ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସଙ୍ଗଠନର କାର୍ଯ୍ୟକର୍ତ୍ତା ନବକିଶୋର ପ୍ରଧାନ, ମାନସ ପାଳ, ସଞ୍ଜୟ ସାହୁଙ୍କ ସମେତ ସଙ୍ଗଠକ ଜ୍ୟୋତ୍ସ୍ନା ସାମଲ, ନିରଞ୍ଜନ ନାୟକ, ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ୟାସ୍ ଦରବୃଦ୍ଧିକୁ ତୀବ୍ର ବିରୋଧ ସହ ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରାଯାଇଥିଲା। ଅତ୍ୟନ୍ତ କୌଶଳ କରି କେନ୍ଦ୍ରରେ କ୍ଷମତାକୁ ଆସିଥିବା ଭାଜପା ସରକାର ବର୍ତ୍ତମାନ ପୁଞ୍ଜିପତିମାନଙ୍କ ସ୍ୱାର୍ଥରେ ରହି ଦର ବୃଦ୍ଧିର ବୋଝ ଜନସାଧାରଣଙ୍କ ଉପରେ ଲଦୁଛି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ସେହିପରି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କିଶୋରନଗର ଶାଖା ପକ୍ଷରୁ ତାଳପଦର ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶାଖା ସମ୍ପାଦକ ତୀର୍ଥବାସୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରବୀନ୍ଦ୍ର ସାହୁ, ରବି ନାରାୟଣ ବାରିକ, ସରୋଜିନୀ ନାୟକ, ସୁରୁଚି ପ୍ରଧାନ, ଲକ୍ଷ୍ମୀ ପ୍ରଧାନ, ଗୌର ଚନ୍ଦ୍ର ସାହୁ, ଜୟକୃଷ୍ଣ ବେହେରା, ରତ୍ନାକର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କଣିହାଁ ଆଞ୍ଚଳିକ କମିଟି ପକ୍ଷରୁ ଏନଟିପିସି ବାଇପାସ ଛକଠାରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। କଣିହାଁ ଆଞ୍ଚଳିକ କମିଟି-୨(ରେଙ୍ଗାଲି ଜୋନ) ସମ୍ପାଦିକା ମାନସୀ ସ୍ୱାଇଁଙ୍କ ନେତୃତ୍ୱରେ ରାଜ୍ୟ କମିଟି ସଭ୍ୟ ଜୟସେନ ମେହେର କେନ୍ଦ୍ର ସରକାରଙ୍କ ରନ୍ଧନ ଗ୍ୟାସ ଦରବୃଦ୍ଧିକୁ ନିନ୍ଦା କରିଥିଲେ। ଏଥିରେ ଅଭୟ ନାଏକ, ନିର୍ମଳା ପ୍ରଧାନ, ପ୍ରଗତିବାଳା ନାୟକ, ପଙ୍କଜିନୀ ସିଂହ ପ୍ରମୁଖ ସାମିଲ ଥିଲେ।

### ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀଙ୍କ ପରଲୋକ

ବଇଣ୍ଡା,୨।୩ (ଡି.ଏନ.ଏ.)- କିଶୋରନଗର ବ୍ଲକ କଣ୍ଟେଇକୋଳିଆ ପଞ୍ଚାୟତ ଇଚ୍ଛାପୁର ଗ୍ରାମର ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ସୁଗ୍ରୀବ ସାହୁ (୯୦)ଙ୍କ ବୁଧବାର ରାତିରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ୨ ପୁଅ, ବୋହୂ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ତାଙ୍କ ପରଲୋକକୁ ନେଇ ବଇଣ୍ଡା ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ଜଳଉତ୍ସ ସୁରକ୍ଷିତ କରିବାକୁ କର୍ମଶାଳା

- ଆଜି ସଭାଘରେ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ
- ଆର୍‌ଏମ୍‌ସି ସହ ଯୋଗଦେବେ ୭ ପୌର ଓ ୬ ଏନ୍‌ଏସି ପ୍ରଶାସନ

ଅନୁଗୋଳ ଅଫିସ, ୨।୩

ସହରାଞ୍ଚଳରେ ଥିବା ଜଳଉତ୍ସକୁ ସୁରକ୍ଷିତ କରାଯିବ। ଏହାକୁ କେହି ଜବରଦଖଲ ମଧ୍ୟ କରିପାରିବେ ନାହିଁ। ଏଥିସହ ପରିତ୍ୟକ୍ତ ପୋଖରୀଗୁଡ଼ିକର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ କରାଯିବ। ଏ ନେଇ ଶୁକ୍ରବାର ଅନୁଗୋଳ ସଭାଘର ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କ ସହ ରାଉରକେଲା ମହାନଗର ନିଗମ, ୭ ପୌରପାଳିକା ଓ ୬ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିକାରୀଙ୍କ ସହ ମେୟର, ପୌରାଧ୍ୟକ୍ଷ ଓ ନଗରପାଳ ଉପସ୍ଥିତ ରହିବେ। ଏଥିସହ ପୌରପାଳିକାର ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ରହିବେ। ଏ ନେଇ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠି ନଂ. ୪୧୦୨/୨୩।୨।୨୦୨୩ରେ ୫ଟି ଜିଲାର ଜିଲାପାଳ ଓ ଡୁଡାର ପ୍ରୋଜେକ୍ଟ ଡାଇରେକ୍ଟରଙ୍କୁ ଅବଗତ କରାଯାଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ସହ କେନ୍ଦ୍ର ସରକାରଙ୍କ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ ଅର୍ବାନ୍ ଆଫାୟର୍ସ ଆୟୋଜନ କରିଥିବାବେଳେ ଅନୁଗୋଳ ପୌରପାଳିକା ଏହାକୁ ପରିଚାଳନା କରିବ ବୋଲି ଜଣାପଡ଼ିଛି।




ଅନୁଗୋଳ ଜିଲା ସହ ସୁନ୍ଦରଗଡ଼, ଢେଙ୍କାନାଳ, ବୌଦ୍ଧ ଓ କେନ୍ଦୁଝର ଜିଲାର ବିଭିନ୍ନ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିରେ ରାଉରକେଲା ମହାନଗର ନିଗମ(ଆରଏମ୍‌ସି), ଅନୁଗୋଳ ପୌରପାଳିକା, ଢେଙ୍କାନାଳ ପୌରପାଳିକା, ତାଳଚେର ପୌରପାଳିକା, କେନ୍ଦୁଝର ପୌରପାଳିକା, ଆନନ୍ଦପୁର ପୌରପାଳିକା, ଯୋଡ଼ା ପୌରପାଳିକା, ବଡ଼ବିଲ ପୌରପାଳିକା, ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ, ବୌଦ୍ଧଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ, କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ, ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିକାରୀମାନେ ଯୋଗଦେବେ। ଏଥିସହ ମେୟର, ପୌରାଧ୍ୟକ୍ଷ, ନଗରପାଳ, କାଉନସିଲର ଓ ଅର୍ବାନ ପ୍ଲାନର, ପୌର ନିର୍ବାହୀ ଯନ୍ତ୍ରୀ, ପୌର ନିର୍ବାହୀ କନିଷ୍ଠ ଯନ୍ତ୍ରୀ ମାନେ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଦିନିକିଆ କର୍ମଶାଳାରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ପୋଖରୀ ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ସହ ଏଥିରୁ କିପରି ଗୋଷ୍ଠୀଙ୍କୁ ରୋଜଗାର ମିଳିପାରିବ ସେ ନେଇ ଆଲୋଚନା କରାଯିବ। ଅନୁଗୋଳରେ ପ୍ରଥମ ଥର ଏଭଳି କର୍ମଶାଳା ଆୟୋଜନ କରାଯାଉଥିବା ଘଟଣା ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ଜଳାଶୟଗୁଡ଼ିକ ପୋତି ହୋଇଯାଉଛି। ଏହାକୁ କିଭଳି ସୁରକ୍ଷିତ ରଖାଯାଇପାରିବ, ପରିତ୍ୟାକ୍ତ ପୋଖରୀକୁ ପୂର୍ଣ୍ଣଜୀବନ ଦେଇ ଲୋକଙ୍କ ଆମୋଦପ୍ରମୋଦ ପାଇଁ ବ୍ୟବସ୍ଥା କରାଯିବ ସେ ସମ୍ପର୍କରେ ଆଲୋଚନା କରାଯିବ।

## ମହିଳା ଦିବସ ପାଇଁ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ, ୨।୩

ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରି ମହିଳା ଦିବସକୁ ସଫଳତାର ସହ ପାଳନ କରାଯିବା ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ କର୍ଣ୍ଣା ମୁର୍ମୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା ୩ରୁ ୯ ତାରିଖ ପର୍ଯ୍ୟନ୍ତ ଏହି ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ସମସ୍ତ ସିଡିପିଓ, ବିଭାଗୀୟ କର୍ମଚାରୀ, ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମାଜ ମଙ୍ଗଳ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସିରିଜ୍ ଦୁର୍ଘଟଣା, ମାଡ଼ ଖାଇଲେ କାର୍ ଚାଳକ





ଅନୁଗୋଳ ଅଫିସ, ୨।୩

ଅନୁଗୋଳ ସହରରେ ଗୁରୁବାର ୨ଟି ଦୁର୍ଘଟଣା ଘଟି ୨ ଜଣ ଗୁରୁତର ହୋଇଛନ୍ତି। ସକାଳୁ ଥାନା ଛକ ଟ୍ରାଫିକ୍‌ରେ ଛିଡ଼ା ହୋଇଥିବା ଏକ କାର୍‌କୁ ଟ୍ରକ୍ ଧକ୍କା ଦେଇଥିବା ବେଳେ ସନ୍ଧ୍ୟାରେ ଏକ କାର୍ ଚାଳକ ବୁଢ଼ୀ ଠାକୁରାଣୀ ଛକରେ ୩ଟି ଦୁର୍ଘଟଣା ଘଟାଇଛନ୍ତି। ଏହି ଦୁର୍ଘଟଣା ପରେ କାର୍ ଚାଳକଙ୍କୁ ସେଠାରେ ଥିବା ଲୋକେ କାବୁ କରି ମାଡ଼ ମାରିଥିଲେ ହେଁ ସେ କୌଶଳକ୍ରମେ ସେଠାରୁ ଖସିଯିବାରେ ସକ୍ଷମ ହୋଇଛନ୍ତି। ଏ ନେଇ ଅନୁଗୋଳ ଥାନାରେ କୌଣସି ମାମଲା ହୋଇ ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ସକାଳେ ଏକ କାର୍ ଅନୁଗୋଳ ଟ୍ରାଫିକ୍ ଛକରେ ଛିଡ଼ା ହୋଇଥିବାବେଳେ ପଛ ପାର୍ଶ୍ୱରୁ ଆସୁଥିବା ଟ୍ରକ୍ (ନଂ. ଓଡି ୧୯ ଜି ୫୫୧୫) ଧକ୍କା ଦେଇଥିଲା। ସେହିପରି ସନ୍ଧ୍ୟାରେ ବୁଢ଼ୀ ଠାକୁରାଣୀ ଛକରେ ଏକ କମଳା ରଙ୍ଗର କାର୍ (ନଂ. ଓଡି ୧୯ ଏନ୍ ୮୧୪୭) ବାଇକ୍ ଥିବା ଦମ୍ପତି ଓ ଜଣେ ସାଇକେଲ ଆରୋହୀଙ୍କୁ ଧକ୍କା ଦେଇଥିଲା। ଏଥିରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ପରେ ବୁଢ଼ୀ ଠାକୁରାଣୀ ଛକରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକମାନେ କାର୍ ଚାଳକକୁ କାବୁ କରି ମାଡ଼ ମାରିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ କହିଛନ୍ତି, ଦୁର୍ଘଟଣା ନେଇ ଅବଗତ ନାହାନ୍ତି।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ବାର୍ଷିକ ଉତ୍ସବ

ବଇଣ୍ଡା,୨।୩(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ସତ୍‌ସଙ୍ଗ କେନ୍ଦ୍ର ପରିସରରେ ବୁଧବାର ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବାର୍ଷିକ ଉତ୍ସବ ଓ ସତସଙ୍ଗ କେନ୍ଦ୍ରର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜୟନ୍ତୀ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅପରାହ୍ନରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପରେ କେନ୍ଦ୍ରରୁ ଠାକୁର ଅନୁକୂଳଚନ୍ଦ୍ରଙ୍କ ଫଟୋକୁ ଏକ ପଟୁଆରେ ନଗର ପରିକ୍ରମା କରାଯାଇଥିଲା। ଏଥିରେ ଯୁଜମୁରା କଞ୍ଚିରା, ଅନୁଗୋଳ, ଠାକୁରଗଡ଼, ଆଠମଲ୍ଲିକ, ବଇଣ୍ଡା, ଛେଣ୍ଡିପଦା, ଟାପଢୋଲ, ମାଧପୁର, ଆନନ୍ଦମୁଣ୍ଡା, ମହିଳା ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ସନ୍ଧ୍ୟାରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାଧବ ଜେନା ଯୋଗଦେଇ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଶ୍ରୀଧର ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରଶାନ୍ତ ମିଶ୍ର, ଅଶୋକ ଗଡ଼ନାୟକ, ବିଚିତ୍ରାନନ୍ଦ ସାହୁ, ଅରବିନ୍ଦ ସାହୁ, ସୂର୍ଯ୍ୟକାନ୍ତ ସାହୁ, ପ୍ରମୋଦ ପ୍ରଧାନ, ନିରଞ୍ଜନ ଦାସ, ସହଯୋଗ କରିଥିଲେ। ଶେଷରେ ୫୦୦ରୁ ଊର୍ଦ୍ଧ୍ୱ ଗୁରୁଭାଇ ଓ ମା'ମାନେ ଆନନ୍ଦ ବଜାରରେ ପ୍ରସାଦସେବନ କରିଥିଲେ।



## ରାମଚଣ୍ଡୀଙ୍କ ପୀଠରୁ ଚୋରି

ଛେଣ୍ଡିପଦା,୨।୩(ସ୍ୱ.ପ୍ର)

ଛେଣ୍ଡିପଦା ଥାନା କୋଶଳାସ୍ଥିତ ରାମଚଣ୍ଡୀଙ୍କ ପୀଠରୁ ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ସକାଳୁ ପୂଜକ ହୁଣ୍ଡି ଓ କାର୍ଯ୍ୟାଳୟ ଆଲମିରା ଭଙ୍ଗାରୁଜା ହୋଇଥିବା ଦେଖି ଟ୍ରଷ୍ଟ ବୋର୍ଡର କର୍ମକର୍ତ୍ତାଙ୍କୁ ଜଣାଇଥିଲେ। ଟ୍ରଷ୍ଟ ବୋର୍ଡ ସଭାପତି ଉଦିତ ପ୍ରଧାନ, ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁଙ୍କ ସମେତ ଟ୍ରଷ୍ଟ ସଦସ୍ୟମାନେ ପହଞ୍ଚିଥିଲେ। ଖବର ପାଇ ପୋଲିସ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ଦୁର୍ବୃତ୍ତମାନେ ହୁଣ୍ଡି ତାଲା ଭାଙ୍ଗି ପ୍ରାୟ ୫ ହଜାରରୁ ଅଧିକ ଦାନ ଅର୍ଥ ଓ ସିସିଟିଭି ଡିଭିଆର ବକ୍ସ, ଲୁହା ଆଲମିରାରେ ଥିବା ପ୍ରାୟ ୫୦ ହଜାରରୁ ଅଧିକ ଟଙ୍କାର ସୁନା, ରୁପା, ଘଣ୍ଟ ଆଦି ନେଇଯାଇଥିବା ଟ୍ରଷ୍ଟ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁ ପ୍ରକାଶ କରିଛନ୍ତି।

## ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ବଣ୍ଟାଗଲା ସାଇକେଲ

ଅନୁଗୋଳ ଅଫିସ/ ଆଠମଲ୍ଲିକ, ୨।୩

ଅନୁଗୋଳ ପୌରପାଳିକା ଅଧୀନରେ ବିଭିନ୍ନ କାର୍ଯ୍ୟ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଗୁରୁବାର ସାଇକେଲ ବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ଗୋଷ୍ଠୀ ସହଭାଗିତାର ଉତ୍ସବ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କ ସହ ନଗରପାଳ ଅକ୍ଷୟ କୁମାର ସାମନ୍ତ, ଉପାଧ୍ୟକ୍ଷା ଅନୁପମା ସାହୁ, ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ପ୍ରମୁଖ ୭୨ ଜଣ ସଦସ୍ୟାଙ୍କୁ ସାଇକେଲ ବଣ୍ଟନ କରିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସହରରେ କାର୍ଯ୍ୟକରୁଥିବା ଜଳସାଥୀ, ସ୍ୱଚ୍ଛସାଥୀ, ଆହାର କେନ୍ଦ୍ର, ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର(ଏମ୍‌ସିସି), ଏସ୍‌ୟୁଏସ୍, ସ୍ୱଚ୍ଛ ସୁପର ଭାଇଜର ପ୍ରମୁଖଙ୍କୁ ଏହି ସାଇକେଲ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୌରପାଳିକାର ବିଭିନ୍ନ କାଉନସିଲର ଓ ଏସ୍‌ଏଚ୍‌ଜି ସଦସ୍ୟାମାନେ ଉପସ୍ଥିତ ଥିଲେ। ସେହିପରି ଆଠମଲ୍ଲିକ ଏନଏସି କଲ୍ୟାଣ ମଣ୍ଡପ ପରିସରରେ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆହାରକର୍ମୀ, ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜରମାନଙ୍କୁ ୧୫ ଗୋଟି ସାଇକେଲ ବଣ୍ଟନ କରାଯାଇଥିଲା। ଏନ୍‌ଏସି ଉପାଧ୍ୟକ୍ଷ୍ୟ ଗଦାଧର ସ୍ୱାଇଁ, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, କନିଷ୍ଠ ଯନ୍ତ୍ରୀ ଦୁର୍ଗାପ୍ରସାଦ ପଟ୍ଟନାୟକ, ସିଇଓ ସଂଗୀତା ମହାପାତ୍ର, ଜୁନିଅର ଆସିଷ୍ଟାଣ୍ଟ କଲ୍ୟାଣୀ ଗଡ଼ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ସିଟିମିଶନ ମ୍ୟାନେଜର ସଞ୍ଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସ୍ୱଚ୍ଛ କର୍ମୀ, ସ୍ୱଚ୍ଛସାଥୀ ଓ ଆହାର କର୍ମୀମାନେ ଯୋଗଦାନ କରିଥିଲେ। ସାଇକେଲ ପାଇ ସମସ୍ତ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଜଣାଇଥିଲେ।



# ପରୀକ୍ଷା ଦେଲେ ୧୧୮୫ ଛାତ୍ରୀଛାତ୍ର



ବଇଣ୍ଡା,କଣିହାଁ,୨।୩(ଡି.ଏନ.ଏ.)

ରାଜ୍ୟରେ ଯୁକ୍ତ ୨ କଳା ବିଭାଗର ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। କିଶୋରନଗର ବ୍ଲକ କିଶୋରନଗର ଯୁକ୍ତ ୨ ମହାବିଦ୍ୟାଳୟରେ କଳା ବିଭାଗରେ ୨୭୬, ବାଣିଜ୍ୟ ବିଭାଗରେ ୫୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଅଙ୍ଗପଡା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା ବିଭାଗରେ ୧୧୮, ବଇଣ୍ଡା ଜନତା ମହାବିଦ୍ୟାଳୟରେ ୨୩୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ବଇଣ୍ଡା କଲେଜରେ ପର୍ଯ୍ୟବେକ୍ଷକ ଭାବେ ଆଠମଲ୍ଲିକ ସହକାରୀ ଜିଲାପାଳ କୁଳମଣି ଦଳେଇ, କିଶୋରନଗର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବିଶ୍ୱାଳ ପହଞ୍ଚି ପରୀକ୍ଷା କେନ୍ଦ୍ରଗୁଡିକ ଯାଞ୍ଚ କରିଥିଲେ। ବଇଣ୍ଡାରେ ସୁପରିଣ୍ଟେଣ୍ଡେଣ୍ଟ ଭାବେ କାଳନ୍ଦୀଚରଣ ପ୍ରଧାନ, ଅଙ୍ଗପଡାରେ ବଳରାମ ସାହୁ, କିଶୋରନଗରରେ ସୁଶାନ୍ତ ପ୍ରଧାନ ପରିଚାଳନା କରିଥିବାବେଳେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଚାଲିଥିବା ବଇଣ୍ଡା କଲେଜ ଅଧ୍ୟକ୍ଷ ସିଦ୍ଧାର୍ଥ ବଣ୍ଡା ସୂଚନା ଦେଇଛନ୍ତି। ସେହିପରି କଣିହାଁ ମହାବିଦ୍ୟାଳୟରେ ୧୫୮ ଜଣ ଛାତ୍ରୀଛାତ୍ର ଓ କୁଲୁମା କଲେଜର ୩୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥିରେ ୧୪ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ସାମିଲ ଥିବାବେଳେ ଆଡମିଟ କାର୍ଡ ପାଇଥିଲେ ମଧ୍ୟ ୫ଜଣ ଅନୁପସ୍ଥିତ ଥିଲେ ବୋଲି କଣିହାଁ କଲେଜ ଅଧ୍ୟକ୍ଷ ଡ. ମଦନମୋହନ ମହାନ୍ତି କହିଛନ୍ତି। ସେହିପରି କୁଲୁମା କଲେଜ ପରୀକ୍ଷା କେନ୍ଦ୍ରରେ ୧୧୬ଜଣ ପରୀକ୍ଷା ଦେଇଥିବାବେଳେ ୫ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ରହିଥିଲେ ଓ ୩ଜଣ ଅନୁପସ୍ଥିତ ଥିଲେ ବୋଲି କଲେଜ ଅଧ୍ୟକ୍ଷ ଦିଗାମ୍ବର ବିଶ୍ୱାଳ କହିଛନ୍ତି। ପବିତ୍ର ନଗର ମହାବିଦ୍ୟାଳୟରେ ୧୧ଜଣ ଏକ୍ସ ରେଗୁଲାର ଛାତ୍ରୀଛାତ୍ରଙ୍କୁ ମିଶାଇ ୧୭୦ଜଣ ପରୀକ୍ଷାରେ ଯୋଗ ଦେଇଥିବାବେଳେ ୫ଜଣ ଅନୁପସ୍ଥିତ ଥିବା କଲେଜ ଅଧ୍ୟକ୍ଷ ରମାକାନ୍ତ ସାହୁ କହିଛନ୍ତି।

# ଆଜିଠୁ ଝୁମିବ ପାଲଲହଡ଼ା

ପାଲଲହଡା୨।୩(ଡି.ଏନ.ଏ.)

ପାଲଲହଡ଼ାସ୍ଥିତ ମାଲ୍ୟଗିରି ମହୋତ୍ସବ ଶୁକ୍ରବାରଠାରୁ ଆରମ୍ଭ ହେବ। ଏହା ମଙ୍ଗଳବାର ପର୍ଯ୍ୟନ୍ତ ପାଞ୍ଚଦିନ ଧରି ଚାଲିବ। ଏଥିପାଇଁ ମାଲ୍ୟଗିରି ମହୋତ୍ସବ କମିଟି ପକ୍ଷରୁ ଗୁରୁବାର ମଶାଲ ଶୋଭାଯାତ୍ରା କରାଯାଇଥିଲା। ଖୁଲୁଡ଼ି ଗିରିଶ୍ୱର ମନ୍ଦିରରୁ ବିଧାୟକ ମୁକେଶ ପାଲଙ୍କ ନେତୃତ୍ୱରେ ଉପଜିଲାପାଳ ଓ ଅଧ୍ୟକ୍ଷାଙ୍କ ସହଯୋଗରେ ମଶାଲ ଆସିଥିଲା। ସେହିପରି ରଜ ଶିବମନ୍ଦିରରୁ ତହସିଲଦାର ଲମ୍ବୋଦର ମାରାଣ୍ଡି, ମଗରମୁହାଣ ରୋହିଲାରୁ ବିଧାୟକଙ୍କ ପ୍ରତିନିଧି ନରେନ୍ଦ୍ର ଭୁକ୍ତା, ପବିତ୍ରପୁରରୁ ଜିଲାପରିଷଦ ସଦସ୍ୟ ବୁଦ୍ଧୁରାମ ବୋଇପାଇ, ମାଲ୍ୟଗିରି ପାଦଦେଶରୁ ବିଡିଓ ଦିଲୀପ ବାଡାଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ବାହାରିଥିଲା। ସେହିପରି ଜିଲାପରିଷଦ ସଦସ୍ୟା ସାବିତ୍ରୀ ମାଝି ଏବଂ ଏମ୍‌ପିଙ୍କ ପ୍ରତିନିଧି ଅଜିତ ବେହେରାଙ୍କ ମାର୍ଗଦର୍ଶନରେ ସମସ୍ତ ମଶାଲ ଶୋଭାଯାତ୍ରାରେ ଆସି ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ରଖାଯାଇଥିଲା। ପ୍ରଥମ ଦିବସରେ ଓଲିଉଡ ପ୍ରଚ୍ଛଦପଟ ଗାୟକ ସ୍ୱୟମ ପାଢୀ ନିଜ ଗ୍ରୁପ ସହିତ ଯୋଗଦେଇ ଦର୍ଶକମାନଙ୍କ ମନମୋହିବେ ବୋଲି ଜଣାପଡିଛି । ପଲ୍ଲିଶ୍ରୀ ମେଳା, ମୀନାବଜାର, ବିଭିନ୍ନ ଖାଦ୍ୟ ସାମଗ୍ରୀ ଷ୍ଟଲ ସାଙ୍ଗକୁ ଶିଶୁଙ୍କ ମନୋରଞ୍ଜନ ପାଇଁ ଦୋଳି ଆଦିର ବ୍ୟବସ୍ଥା ହୋଇଥିବା ଜଣାପଡିଛି।



# ନିରନ୍ତର ସେବା ଯୋଗାଉଛି ସମବାୟ ବ୍ୟାଙ୍କ

ଅନୁଗୋଳ ଅଫିସ, ୨।୩

ଅନୁଗୋଳ ଜିଲା ସଭାଘରେ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାରଙ୍କ ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଓ ଭାଗଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଜମାକାରୀ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କୃଷି କାର୍ଯ୍ୟ ପାଇଁ ଋଣ ପାଇଥିବା ଚାଷୀମାନେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭା ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ୟାଙ୍କ ଉପ ସଭାନେତ୍ରୀ କବିତା ସାହୁ, ସଂଗ୍ରାମ କେଶରୀ ରାଉତ, ଅନୁଗୋଳ ସମବାୟ ସମିତି ଉପନିବନ୍ଧକ ଦୁଃଖିଆ ଗୁଡ୍ଡୁ, ନାବାର୍ଡ ଜିଲା ଉନ୍ନୟନ ଅଧିକାରୀ ଶରତ କୁମାର ବେହେରା, ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ କାର୍ଯ୍ୟ ନିର୍ବାହୀ ଅଧିକାରୀ ମହେନ୍ଦ୍ରନାଥ ସାମଲ, ସମସ୍ତ ନିର୍ଦ୍ଦେଶିକା, ନିର୍ଦ୍ଦେଶକ ଏବଂ ବିଭାଗୀୟ ମୁଖ୍ୟ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଓ ଆଭିମୁଖ୍ୟର ସଫଳ ରୂପାୟନ ପାଇଁ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସର୍ବଦା ନିରନ୍ତର ସେବା ଜାରି ରଖିଛି ବୋଲି ସଭାପତି ସନ୍ତୋଷ କୁମାର ପ୍ରଧାନ ପ୍ରକାଶ କରିଥିଲେ। ଉକ୍ତ ସଭାରେ ୧୦୬ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୩୨୩.୨୦ ଟଙ୍କାର ଋଣ, ୩୮ କ୍ଷୁଦ୍ର ଚାଷୀଙ୍କୁ ୧୨.୧୧ ଲକ୍ଷ ଟଙ୍କାର କୃଷିଋଣ ପ୍ରଦାନ କରାଯାଇଥିଲା। ସେହିପରି ୪ ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ମିଶନ ଶକ୍ତିର ଏଫ୍‌ଆଇସି ହେମନ୍ତ କୁମାର ପାଣିଗ୍ରାହୀ ଋଣ ଅର୍ଥର ଉପଯୁକ୍ତ ବିନିଯୋଗ ନିମନ୍ତେ ପରାମର୍ଶ ଦେଇଥିଲେ। ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲା କୃଷି ମୁଖ୍ୟ ଅଧିକାରୀ ସରକାରୀ ଯୋଜନା ସମ୍ପର୍କରେ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅବଗତ କରାଇଥିଲେ। ବ୍ୟାଙ୍କ ଏଜିଏମ୍ ସୁଜିତ କୁମାର ନନ୍ଦ, ପ୍ରଦୀପ କୁମାର ପରିଡ଼ା, ପ୍ରଶାନ୍ତ କୁମାର ସିଂସାମନ୍ତ, ମ୍ୟାନେଜର ବିନୋଦିନୀ ସିଂହ, ଅକ୍ଷୟ କୁମାର ମୁଦୁଲି, ଅକ୍ଷୟ କୁମାର ପୃଷ୍ଟି, ଜୀବନାନନ୍ଦ ହୋତା ସହଯୋଗ କରିଥିଲେ। ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।



# ୩ ଥାନା ଅଞ୍ଚଳରେ ବଢ଼ିଲା ସୁରକ୍ଷା ବ୍ୟବସ୍ଥା

ଅନୁଗୋଳ ଅଫିସ, ୨।୩

**୩ ଶିଫ୍ଟରେ ୨୭ ଛକ ଓ ୩୬ ଏଟିଏମ୍ ଜଗିବେ ୫୦ ପୋଲିସ**

ଅନୁଗୋଳ ଜିଲାରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଯାଇଛି। ଜିଲାରେ ନୂତନ ଏସ୍‌ପି ଭାବେ ସୁଧାଂଶୁ ଶେଖର ମିଶ୍ର ଯୋଗଦେବା ପରେ ଏକ ବଡ଼ ଧରଣର ପଦକ୍ଷେପ ଗ୍ରହଣ କରାଯାଇଛି। ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ସହ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟରେ ଜିଲାର ୩ଟି ଥାନା ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅନୁଗୋଳ ଥାନା ସମେତ ସଦର ଓ ନାଲ୍‌କୋ ଥାନା ଅଞ୍ଚଳର ଟ୍ରାଫିକ୍ ଛକ ସହ ଏଟିଏମ୍ ସୁରକ୍ଷା ବ୍ୟବସ୍ଥା ବଢ଼ାଯାଇଛି। ୫୦ ଜଣ କନଷ୍ଟେବଲ ଓ ହୋମଗାର୍ଡଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ୩ଟି ପର୍ଯ୍ୟାୟରେ ପ୍ରତ୍ୟେକ ଛକରେ ୨ ଜଣ ଲେଖାଏ ପୋଲିସ କର୍ମଚାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ସେମାନଙ୍କ କାର୍ଯ୍ୟର ଅନୁଧ୍ୟାନ ପାଇଁ ଏସ୍‌ଆଇ ଓ ଏଏସ୍‌ଆଇ ସ୍ତରର ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି।

୪ଟି ପର୍ଯ୍ୟାୟରେ ୩ଟି ଥାନାର ୫୦ କନଷ୍ଟେବଲ ଓ ହୋମ୍‌ଗାର୍ଡଙ୍କୁ ଡ୍ୟୁଟି ବଣ୍ଟା ଯାଇଥିବାବେଳେ ଏହାକୁ ତଦାରଖ କରିବାକୁ ସମସ୍ତ ଥାନାର ୪ ଜଣ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ପ୍ରଥମ ରାଉଣ୍ଡ, ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଦ୍ୱିତୀୟ, ସନ୍ଧ୍ୟା ୬ଟାରୁ ରାତି ୯ ପର୍ଯ୍ୟନ୍ତ ତୃତୀୟ ଓ ରାତି ୯ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ଚତୁର୍ଥ ରାଉଣ୍ଡ ଡ୍ୟୁଟି ବଣ୍ଟାଯାଇଛି। ହୁଲୁରିସିଂହା ବ୍ରିଜ ଠାରୁ ଆରମ୍ଭ କରି ବିଇଡି ଛକ, ଗୀତାଗ୍ରାମ, କାଲଟାକ୍ସ, ହାଟ ଛକ, କଲେଜ ଛକ, ଫରେଷ୍ଟ କଲେଜ ଛକ, ଷ୍ଟାଇଲ ବଜର ଛକ, ବଜାର ଛକ, ମେଡିକାଲ ଛକ, ବାଳିକା ଉଚ୍ଚ ବିଦ୍ୟାଳୟ ଛକ, ଜଗନ୍ନାଥ ମନ୍ଦିର ଛକ, ତାମ୍ରିତ କଲୋନୀ ଛକ, ଇକୋ ପାର୍କ ଛକ, ଟାଉନ ହାଇସ୍କୁଲ ଛକ, ମିଶ୍ରପଡ଼ା ଛକ, ଶିକ୍ଷକପଡ଼ା ଛକ ଆଦି ଅନୁଗୋଳ ଥାନା ଅଞ୍ଚଳରେ ରହିଛି। ସେହିଭଳି ସଦର ଥାନାରେ ମଝିକା ଛକ, ପ୍ରଗତିନଗର, ଛେଳିଆପଡ଼ା, ଡେରଜାଙ୍ଗ ଡ୍ୟାମ୍, କରଡ଼ାଗାଡ଼ିଆ ଛକ ଆଦି ରହିଛି। ନାଲକୋ ଥାନା ଅଧୀନରେ ନାଲକୋ ଆଶ୍ ପଣ୍ଡ ଛକ, ବଳରାମ ପ୍ରସାଦ ଶିବ ମନ୍ଦିର ଛକ, ଗିରାଙ୍ଗ ସେଣ୍ଟ୍ରାଲ ମାର୍କେଟ୍, ନାଲକୋ ଟାଉନଶିପ୍, କନିଆବେଡ଼ା ଶିବ ମନ୍ଦିର ଛକ, କୁଲାଡ଼ ଛକ, କାଣ୍ଡସର ଛକ ଆଦିରେ ପୋଲିସ ମୁତୟନ କରାଯିବ। ଏଥିସହ ରାଜପଥରେ ହୋମଗାର୍ଡ ଓ କନଷ୍ଟେବଲଙ୍କୁ ପାଟ୍ରୋଲିଂ କରିବାକୁ ନିର୍ଦ୍ଦେଶ କରାଯାଇଛି। ସେହିପରି ଅନୁଗୋଳ ଥାନା ଅଧୀନରେ ଥିବା ୨୩ଟି ଏଟିଏମ୍‌ରେ, ସଦର ଥାନା ଅଧୀନରେ ୮ ଓ ନାଲ୍‌କୋ ଥାନା ଅଧୀନରେ ଥିବା ୫ ଏଟିଏମ୍‌କୁ ଜଗିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ପ୍ରୋବେଶନ୍ ହଷ୍ଟେଲ ସହ ପୋଲିସ ମୁଖ୍ୟାଳୟ ସମ୍ମୁଖରେ ମଧ୍ୟ ପୋଲିସ କର୍ମଚାରୀଙ୍କୁ ମୁତୟନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନୁଗୋଳ ସହରରେ ଥିବା ୧୬ଟି ଟ୍ରାଫିକ ପୋଷ୍ଟ ସହ ସଦର ଥାନା ଅଞ୍ଚଳରେ ଥିବା ୨ଟି ଓ ନାଲ୍‌କୋ ଥାନା ଅଧୀନରେ ଥିବା ୪ଟି ଟ୍ରାଫିକ୍ ପୋଷ୍ଟରେ କର୍ମଚାରୀଙ୍କୁ ନିୟୋଜିତ କରାଯିବ। କୌଣସି ବ୍ୟକ୍ତିଙ୍କ କାର୍ଯ୍ୟକଳାପ ନେଇ ସନ୍ଦେହ ସୃଷ୍ଟି ହେଲେ ତୁରନ୍ତ ଏହି କର୍ମଚାରୀମାନେ ନିଜ ଅଞ୍ଚଳର ଥାନାକୁ ଅବଗତ କରିବେ ବୋଲି କୁହାଯାଇଛି। ଏ ନେଇ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମହାଲିକ କହିଛନ୍ତି, ଏଭଳି ଏକ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାକୁ ଏସ୍‌ପି ଅନୁଧ୍ୟାନ କରିବେ। ଆପରାଧିକ କାର୍ଯ୍ୟକଳାପ ସହ ଟ୍ରାଫିକ ବ୍ୟବସ୍ଥା ଉପରେ ଏହାଦ୍ୱାରା ନଜର ରହିବ। ପୋଲିସ ଉପରେ ଲୋକଙ୍କ ଭରସା ମଧ୍ୟ ବଢ଼ିବ ବୋଲି ଏସ୍‌ଡିପିଓ ପ୍ରକାଶ କରିଛନ୍ତି।

